# ଗଜପତି ଅଞ୍ଚଳ ସଉରା ଜନଜାତିର ଭାଷା: ଏକ ଅନ୍ୱେଷଣ

ସୁଦର୍ଶନ ରଇତ

ଗଜପତି ଜିଲ୍ଲା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓଙ୍କ ନାମାନୁଯାୟୀ ନାମିତ କରାଯାଇଛି । ଯିଏ ପାରଳାଖେମୁଣ୍ଡି ଅଞ୍ଚଳର ପୂର୍ବତନ ରାଜା ସାଏବ୍ ଥିଲେ ଏବଂ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ ପରିଚିତ । ଓଡ଼ିଶା ପ୍ରଦେଶକୁ ସ୍ୱତନ୍ତ୍ର କରିବା ଏବଂ ପାରଳାଖେମୁଣ୍ଡି ଅଞ୍ଚଳକୁ ଓଡ଼ିଶାରେ ମିଶ୍ରଣ କରିବା ତାଙ୍କ ଅମୂଲ୍ୟ ଅବଦାନ ଅଟେ । ସେଥିପାଇଁ ଗଜପତି ଜିଲ୍ଲା ଗଂଜାମ ଜିଲ୍ଲାଠାରୁ ଅଲଗା ହୋଇ ନୂତନ ଏକ ଜିଲ୍ଲା ଭାବରେ ଜନ୍ମନେଲା । ପାରଳାଖେମୁଣ୍ଡି ସବ୍‌ଡିଭିଜନ୍ ପୂର୍ବରୁ ଗଂଜାମ ସବ୍‌ଡ଼ିଭିଜନ୍ ଥିଲା କିନ୍ତୁ ବର୍ତ୍ତମାନ ତାହା ଗଜପତି ଜିଲ୍ଲାର ସବ୍‌ଡ଼ିଭିଜନ୍ ଭାବରେ ରହିଅଛି । ଜିଲ୍ଲାର ମୋଟ ୭ଟି ତହସିଲ, ୭ ଗୋଟି ବ୍ଲକ୍, ୧୫୩୩ ଗ୍ରାମ, ୧୨୯ଟି ଗ୍ରାମପଞ୍ଚାୟତ ଏବଂ ୧୧ଟି ପୋଲିସ୍ ଥାନା ରହିଛି । ୩ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି ।

ଭାରତର ଅନୁସୂଚିତ ଜନଜାତି ମାନଚିତ୍ରରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର । ୨୦୧୧ ଜନଗଣନା ଅନୁସାରେ ଗଜପତି ଜିଲ୍ଲାର ସମୁଦାୟ ଆଦିବାସୀ ଜନସଂଖ୍ୟା ହେଉଛି ହାରାହାରି ତିନିଲକ୍ଷ । ପୁରୁଷ ସଂଖ୍ୟା ଏକଲକ୍ଷ ଏକାବନ ହଜାର ନଅଶହ ଦୁଇ (୪୮.୨୪%) ଏବଂ ମହିଳା ସଂଖ୍ୟା ହେଉଛି ୧ଲକ୍ଷ ଏକଷଠି ହଜାର ଆଠଶହ ବାର (୫୧.୫%) । ଓଡ଼ିଶାରେ ବାଷଠି ପ୍ରକାରର ଜନଜାତି ମଧ୍ୟରୁ ସଉରା ଜାତି ଅନ୍ୟତମ । ଏହି ଜାତି ଓଡ଼ିଶା ରାଜ୍ୟ ବ୍ୟତୀତ ଆନ୍ଧ୍ରପ୍ରଦେଶର ପୂର୍ବାଞ୍ଚଳର ଅର୍ଥାତ୍ ଶ୍ରୀକାକୁଳମ୍ ଜିଲ୍ଲା ବିଜୟନଗରମ୍ ଜିଲ୍ଲା ଓ ଗୁଣ୍ଟୁର ଜିଲ୍ଲାରେ ବାସ କରିବାର ଦେଖାଯାଏ । ଓଡ଼ିଶାର ଜନଜାତିମାନଙ୍କ ଭାଷାକୁ ନେଇ ତିନୋଟି ଗୋଷ୍ଠୀରେ ବିଭକ୍ତ କରାଯାଇପାରେ । ଏମାନେ ମୁଣ୍ଡା, ଦ୍ରାବିଡ଼, ଆର୍ଯ୍ୟ ଭାବରେ ପରିଚିତ । ମୁଣ୍ଡା ଭାଷାରେ କଥା କହୁଥିବା ସଂପ୍ରଦାୟ ହେଉଛନ୍ତି ସାନ୍ତାଳୀ, ସଉରା, ମାହାରି, ଓରାଓଁ, ପାରେଙ୍ଗ, ଭୂମିଜ, ହୋ, ଜୁଆଙ୍ଗ, ବିରହୋର, ବଣ୍ଡା, ଡିଡାୟୀ, ଗଦବା, ଖରିଆ । ଦ୍ରାବିଡ଼ ଭାଷା ଅନ୍ତର୍ଗତ ଜାତି ହେଉଛନ୍ତି ଗୋଣ୍ଡୀ, କଣ୍ଡା, କୁଇ, କନ୍ଧ, କିସାନ୍, କୋୟା, କୋଲାମା, ନାରକୀ, ଓଲାରୀ, ପାର୍ଜୀ, ପେଙ୍ଗ, କୁଡ଼ଖ ଇତ୍ୟାଦି । ଆର୍ଯ୍ୟ ଭାଷା ଗୋଷ୍ଠୀ ହେଉଛନ୍ତି ବାଥୁଡ଼ି, ଭୂୟାଁ, କର୍‌ମାଲୀ, ସଉଁତି, ସାଦ୍ରୀ, କନ୍ଧାନ୍, ଭୂମିଆ, ଦେଶିଆ, ଝରିଆ, ଭୂମିଆଁ, ହାଲବି ଇତ୍ୟାଦି ।

ଗଜପତି ଅଞ୍ଚଳର ସଉରା ଭାଷାଗୋଷ୍ଠୀ ପାରଳାଖେମୁଣ୍ଡି ସେରଙ୍ଗ, ପୁଟ୍ଟାସିଂ, ଲାଞ୍ଜିଆ, ଇମାନୀ, କାଶୀନଗର– ସାରଡା ମନେସର୍, ରାୟଗଡ଼, ରାମଗିରି– ଜୁରାଇ, ନୂଆଗଡ଼– ଯାଡୁ, କୁଡମ୍ବା, ରା. ଉଦୟଗିରି– ରାଇକା, ଗୋସାଣି– କାମ୍ପୁ, ଜିରାଙ୍ଗ–ଆର୍ଶିଡ଼୍, ଖଜୁରୀପଦା– ଟାଙ୍କଲା, ଚନ୍ଦ୍ରଗିରି, ମୋହନ, ଅଡ଼ବା– କାନ୍‌ସିଡ଼୍ ସଉରା ପ୍ରଭୃତି ସ୍ଥାନରେ ବସବାସ କରନ୍ତି । ସଉରା ସଂପ୍ରଦାୟ ଲୋକେ ସ୍ୱଭାବରେ ସରଳ, ନିଷ୍କପଟ, ନିର୍ଭୀକ, ସ୍ପଷ୍ଟବାଦୀ, ସମାଜପ୍ରାଣ, ପରମ୍ପରାଧର୍ମୀ, ସତ୍ୟବାଦୀ, ଶାନ୍ତ, ଲଜ୍ଜାଶୀଳ ଓ ପରିଶ୍ରମୀ । ସେମାନଙ୍କ ଜୀବନଯାପନ ଶୈଳୀ ନିରାଡ଼ମ୍ବର । ସେମାନେ ସରଳ ହେଲେବି ସ୍ୱାଭିମାନୀ । କୌଣସି ଅନ୍ୟାୟକୁ ସେମାନେ

ବରଦାସ୍ତ କରନ୍ତି ନାହିଁ । ନିଜ ଭାଷା ଓ ସଂସ୍କୃତି ପ୍ରତି ସେମାନେ ସଚେତନ । ନିଜର ଦୁଃଖ କାହାଣୀକୁ ଅନ୍ୟ ଆଗରେ ପ୍ରକାଶ କରିବାକୁ ସେମାନେ ବୀତସ୍ପୃହ । ଛାତିକୁ ପଥର କରି ସେମାନେ ସବୁ ଦୁଃଖକୁ ସହ୍ୟ କରିଯାଆନ୍ତି । ଆଧୁନିକ ସଭ୍ୟତାର ପରିଧି ବାହାରେ ପ୍ରକୃତି କୋଳରେ ସମସ୍ତ ପରିସ୍ଥିତିର ମୁକାବିଲା କରି ଅହରହ ଜୀବନ ସଂଗ୍ରାମ କରୁଥିବା ଏହି ଅମୃତର ସନ୍ତାନମାନେ ଜୀବନର ନିଷ୍ଠୁର ବାସ୍ତବତାକୁ ଅତି ସହଜରେ ଓ ନିର୍ବିକାର ଭାବରେ ଗ୍ରହଣ କରିନେଇଥାନ୍ତି । ସମସ୍ତ ଦୁଃଖ, କଷ୍ଟ, ଅଭାବ ଓ ଅନଟନ ଭିତରେ ବି ସଉରା ଜାତି ସୁଖୀ ।

**ସଉରା ଜନଜାତିର ଭାଷା–** ମୁଣ୍ଡା ଭାଷା ପରିବାରର । ସଉରା ସଂପ୍ରଦାୟର କଥିତ ଭାଷା ହେଉଛି 'ସରା' । ସଉରାମାନଙ୍କୁ ଅତି ଆପଣାର କରିବାକୁ ହେଲେ ତାହାର ଏକମାତ୍ର ମାଧ୍ୟମ ହେଉଛି ଭାଷା । ସେମାନଙ୍କ ଭାଷାରେ ଜ୍ଞାନାର୍ଜନ କରିଦେଲେ ଅତି ସହଜରେ ସେମାନଙ୍କୁ ଆପଣାର କରିହେବ । ସଉରା ଜନଜାତିର କଥିତ ଭାଷା ସମ୍ବନ୍ଧରେ ନିମ୍ନରେ କିୟତ୍‌ମାତ୍ର ଆଲୋଚନା କରାଯାଇଛି ।

**ଓଡ଼ିଆ ଭାଷାର ପ୍ରତିଶବ୍ଦ ସଉରା ଭାଷା:**

**ପରିବାର**

ବାପା– ଆବା (ଓ୍ୱାଙ୍ଗ୍), ମା– ୟାଙ୍ଗ୍, ଭାଇ– ବୁଞ୍ଚାଁଙ୍ଗ୍, ଭଉଣୀ– ତନାନ୍, ବଡ଼ଭାଇ– କାକୁଙ୍ଗ୍, ବଡ଼ଭଉଣୀ– କାକିଙ୍ଗ୍, ସାନଭଉଣୀ– ୟାୟିଙ୍ଗ୍, ପୁଅ– ଅଅନ, ଝିଅ– ଡାଙ୍ଗିଡ଼ିଅନ୍, ମାମୁ– ମାମୁଙ୍ଗ୍, ମାଇ– ନାନିଙ୍ଗ୍, ଅଜା– ଜୁଜୁଙ୍ଗ୍, ଆଈ–ୟୁୟୁଙ୍ଗ୍, ସ୍ୱାମୀ–ତାନଙ୍ଗ୍‌ବା, ସ୍ତ୍ରୀ–ତୁଡ୍ଡୁବଇ, ଦାଦା– ଡାଡ଼ିଙ୍ଗ୍, ଖୁଡ଼ି–ୟାୟାଙ୍ଗ୍, ଭିଣୋଇ– ବାଉଙ୍ଗ୍, ବୋହୂ– କଇନ୍, ଶଶୁର– କୁଞ୍ଚାଁର୍, ଶାଶୁ– କିନାର୍, ଶଳା–ଇରିର୍‌ସିଜ୍, ଶାଳୀ–ଇରିର୍‌ବଇ, ଭଣଜା– ଆମନ୍‌ସିଜ, ଭାଣିଜୀ–ଆମନ୍‌ସିଲ୍, ଭାଉଜ– ବୁନିଙ୍ଗ୍ ।

**ଶରୀର ଅଙ୍ଗ ବିଶେଷ**

ମୁଣ୍ଡ– ବଅବ୍, ଚୁଟି– ଉ–ଉ, ଆଖି–ମଅଡ୍, କାନ– ଲୁଉଡ୍, ନାକ– ମୁଉ, ପାଟି– ତଅଡ୍, ଦାନ୍ତ– ଜିଇ–ଇ, ଜିଭ–ଆଲାଙ୍ଗ୍, ବେକ–ସାଙ୍କା, ହାତ–ସିଇ–ର୍, ଗୋଡ଼– ଜି–ଇଙ୍ଗ୍, ଆଙ୍ଗୁଠି– ଅଣ୍ଡେର୍‌ସି, ନଖ– ଆକାର୍‌ସି, ଅଣ୍ଟା– ଡ଼ିଆ, ପିଚା– ସାମ୍ବି, ଆଣ୍ଠୁ– ମାଣ୍ଡାଡ଼ି, ଗୋଇଠି– କୁଙ୍ଗ୍‌ସି, ପିଠି– କାଣ୍ଟୁଙ୍ଗ୍ ।

**ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ**

ଟଙ୍କା– ତାଙ୍କା, ଲୁଗା– ସିଂଡ୍ରି, ଛତା– ସାତା, ଟୋପି– ଡୁପି, ଚପଲ– ସପଲ

**କୃଷି ଉପକରଣ**

ଜମି– ଜାନଙ୍ଗ୍, ମାଟି– ଲାବ୍‌ଅ, ଖତ– କତ, ଲଙ୍ଗଳ– ଇର୍‌ତୁବ୍, ଦାଆ– କାଡ଼ାତି, ଶାବଳ–ଲୁଆଙ୍ଗ୍‌ତାଙ୍ଗ୍, କୋଡ଼ି– ଗୁଡ଼ିଲାଙ୍ଗ୍, ଜୁଆଳି– ରାଅଙ୍ଗ୍ ।

**ବୃକ୍ଷଲତା ଓ ଫୁଲ ଫଳ**

ମହୁଲ–ଆବାଆ, ଫୁଲ– ତାରବା, ଗେଣ୍ଡୁଫୁଲ– ସାରରୁଙ୍ଗ୍‌ତାର୍, କନିଅର ଫୁଲ– ରାଗାଡ଼ଉବ୍‌ତାର୍, କଇଁଫୁଲ– ବାଣ୍ଡାତାର୍, ପଦ୍ମ– ତୁମ୍ମେଡ଼ାତାର୍, ଦୁଦୁରା– କାନ୍‌ଡୁଡୁରାତାର୍, ମନ୍ଦାର– ମଣ୍ଡାରତାର୍, ସୂର୍ଯ୍ୟମୁଖୀ– ତାଙ୍ଗ୍‌ୟୁଙ୍ଗ୍‌ତାର୍, ଗୋଲାପ–ଗୋଲାପୀତାର୍, ଟଗର– ତଗରତାର୍, ଚମ୍ପା– ସମ୍ପାତାର୍, ଆମ୍ବ– ଉଡ଼ା, କମଳା– କମ୍‌ଲା, କଦଳୀ– କିନ୍ତେ, ପଇଡ଼– ପାୟାଡ଼ି, ତେନ୍ତୁଳି– ତିତିନ୍, କାଜୁ– ଗାନିଙ୍ଗ୍‌ଲଇ, ସପୁରୀ– ଲାଙ୍କାପାଡ଼ା, ପିଜୁଳି– ଜିଲକା, କୁସୁମକୋଳି– ବାଙ୍ଗରୁ, ଡିମ୍ବିରିଫଳ– ଲୁଆଡ଼, ଆଖୁ–ଆକୁ, ସଲପ ଫଳ– ଆଲିକ, କାକୁଡ଼ି– ଏଙ୍ଗରା, ବୋଇତାଳୁ– ଆତୁଙ୍ଗ୍, କାହ୍ନୁଲ– ରଗ, ଆଳୁ– ଆଲୁଗାୟ, ଡାଳିମ୍ବ– ଡାଲିମ୍ବ, ପଣସ–ପାଡ଼ସା, ମକା– ଜନ୍ନା, ସାରୁ–ଗାରୁଗାୟ, କଲରା– ଆସାଙ୍ଗାବ୍, ବାଇଗଣ– ଆଣ୍ଡାରାଇ, ଟମାଟୋ– ଟମାତ, ଜହ୍ନି–କୁସାଲି, ଭେଣ୍ଡି– ବେଣ୍ଡି, ପିଆଜ–ଆନାସୁଡ଼ା, ଡଙ୍କା– କୋଉ, ଗଛ–ଆରା, ଘାସ– ଆଗାବ୍, ପତ୍ର– ଅଲା, ମଞ୍ଜି– ଆବାଇ ।

**ଗୃହ ଉପକରଣ**

ବାଲି–ଲକିଜ୍, ପଥର– ଆରେଙ୍ଗ୍, କାଠ– ଆଙ୍ଗାଲ, କବାଟ–ସାନାଙ୍ଗ୍, କଂସା– ଡୁଗୁଡୁ, ଥାଳି–ମାଣ୍ଡି, ଗ୍ଲାସ୍– ଗିଲାସ, ହାଣ୍ଡି– ଡାଙ୍କି, ଚଟୁ–ସାତୁଆ, ପନିକି– ପନ୍‌କି, କୁରାଢ଼ି– ଏନ୍‌କୁମ୍ ।

**ଜଳରେ ବାସ କରୁଥିବା ଜୀବ, କୀଟ, ପ୍ରାଣୀ**

ବେଙ୍ଗ- କାଣ୍ଡୁଡ୍, କଇଁଚ- କୁଲୁ, କଙ୍କଡ଼ା- କ୍କାଡ୍, କୁମ୍ଭୀର- ସିମର୍, ଜଳହସ୍ତୀ- ରା-ଆକିଡ୍, ଶାମୁକା- ଗୁନ୍‌ଲୁଜାଙ୍ଗ୍, ଶଙ୍ଖ-ଗୁନ୍‌ଲୁପେଡ୍, ସାପ-ଜାଆଡ୍, ମାଛ- ଆୟ ।

**ତରଳ ମାପ ଅଣମାପକ**

ବ-ଗ-ଅଲ୍- ପ୍ରାୟ ୧୦୦ ମିଲିଗ୍ରାମ୍, ବ-କଉ- ପ୍ରାୟ ୫୦୦ ମିଲିଗ୍ରାମ୍, ବ ମାୟାରି- ପ୍ରାୟ ୧ ଲିଟର, ବ କୁଡ଼ାତା- ପ୍ରାୟ ୮/୧୦ ଲିଟର, ବ ଗ୍ରିଣ୍ଡା- ପ୍ରାୟ ୨୦/୨୫ ଲିଟର, ବ ଡାରିଙ୍ଗୁଁୟାସେଙ୍ଗ୍- ପ୍ରାୟ ୪୦/୫୦ ଲିଟର ।

**ରଙ୍ଗ (ର–ଅଙ୍ଗ)**

ଲାଲ- ଜେ-ଏ, କଳା- ୟାଗା, ଧଳା- ତା-ଆର୍/ପାଲୁ, ଶାଗୁଆ- କୁଲୁଇ, ହଳଦିଆ- ସାଙ୍ଗ୍‌ସାଙ୍ଗ୍, ବାଇଗଣିଆ- ଜେ-ଏବାଇଜ୍, ପାଣ୍ଡୁବର୍ଣ୍ଣ- ପୁରସିଲ୍‌କାଡୁ, ଗାଢ଼ ହଳଦିଆ- ରୁମ୍‌ସାଙ୍ଗ୍, ନାରଙ୍ଗି-ଜେମାଙ୍ଗ୍, ମାଟିଆବର୍ଣ୍ଣ- ଏଡ଼େମ୍ୟଡ଼ ।

**ସଂଖ୍ୟା (ଡାନିସାମ୍)**

ଏକ-ଆବଇ, ଦୁଇ- ବାଗୁ, ତିନି-ୟାଗି, ଚାରି- ଉନ୍‌ଜି, ପାଞ୍ଚ-ମନଲଇ, ଛଅ- ତୁଡ୍‌ରୁ, ସାତ-ଗୁଲ୍‌ଜି, ଆଠ- ତାମ୍‌ଜି, ନଅ-ତିନ୍‌ଜି, ଦଶ-ଗାଲଜି, ଏଗାର- ଗାଲ୍‌ମୁଇ, ବାର- ମିୟଗଲ୍ ।

**ମାସର ନାମ (ଆଙ୍ଗାଇ)**

ବୈଶାଖ- ବଶାଖ, ଜ୍ୟେଷ୍ଠ- ଡେସ୍ତ, ଆଷାଢ଼- ଆସାଡ଼ା, ଶ୍ରାବଣ- ସିରାବନ, ଭାଦ୍ରବ- ବୁଡୁ, ଆଶ୍ୱିନ- ଅଶିଣ, କାର୍ତ୍ତିକ- କାର୍ତ୍ତିକା, ମାର୍ଗଶିର- ମଙ୍ଗଶିରା, ପୌଷ- ପୁସା, ମାଘ- ମାଗା, ଫାଲଗୁନ- ପଗୁନ୍, ଚୈତ୍ର- ସଇତ ।

**ଖାଦ୍ୟ (ଗାନାଗା)**

ଭାତ- ଡାରଇ, ଡାଲି- ମାରାଇନା, ତରକାରୀ- ତାନଙ୍ଗ୍‌ଗାଲ୍, ଶାଗ-ଉଆବ୍, ମାଂସ- ଜେଲୁ, ବାଇଗଣ- ଆଣ୍ଡାରାଇ, ମୂଳା- ମୂଲାଗାୟ, ମରିଚ- ମାରିସା, ଲୁଣ- ବାସିଡ଼୍, ତେଲ- ମିଞ୍ଜିଁଲ, ସୋରିଷ ତେଲ- ସୁର୍‌ସୁବଞ୍ଜିଁଲ୍, ରସୁଣ-ରସୁନ, ପିଠା- ପିତା ।

*(କେତେକ ଶବ୍ଦ ଓଡ଼ିଆ ଭାଷାର ସାମଞ୍ଜସ୍ୟ ଅଛି)*

**(ଖ) କ୍ରିୟାର ପ୍ରୟୋଗ**

**ବର୍ତ୍ତମାନ କାଳ (କାନି ଆୟମ୍)**

| ଏକବଚନ | ବହୁବଚନ |
|---|---|
| ପ୍ରଥମା- ମୁଁ ଯାଏ- ଞେଁନ୍ ୟିର୍‌ତେ | ଆମ୍ଭେମାନେ ଯାଉ- ଆମ୍ଭିନ୍ ଆୟିର୍‌ତେ |
| ଦ୍ୱିତୀୟା- ତୁମେ ଯାଅ- ଆମନ୍ ୟିରା | ତୁମ୍ଭେମାନେ ଯାଅ- ଆମ୍ବିନ୍‌ଜି ୟିର୍‌ବା |
| ତୃତୀୟା- ସେ ଯାଏ- ଆନିନ୍ ୟିର୍‌ତେ | ସେମାନେ ଯାଆନ୍ତି- ଆନିଞ୍ଜି ୟିର୍‌ତିନ୍‌ଜି |

**ଅତୀତ କାଳ (ଆୟିରେନ୍ ଆୟମ୍)**

| ଏକବଚନ | ବହୁବଚନ |
|---|---|
| ପ୍ରଥମା- ମୁଁ ଗଲି- ଞେଁନ୍ ଇୟଲେ | ଆମ୍ଭେମାନେ ଗଲୁ- ଆନ୍‌ଲେନ୍ ଆୟିରେ |
| ଦ୍ୱିତୀୟା- ତୁମେ ଗଲ- ଆମନ୍ ୟିର୍‌ରେ | ତୁମ୍ଭେମାନେ ଗଲ- ଆମ୍ବିନ୍ ଆୟିରେ |
| ତୃତୀୟା- ସେ ଗଲା- ଆନିନ୍ ୟିର୍‌ରେ | ସେମାନେ ଗଲେ- ଆନିଞ୍ଜି ୟିର୍‌ଜି |

### ଭବିଷ୍ୟତ କାଳ (ଆୟିତାଞ୍ଜେଁନ୍ ଆୟମ୍)

| ଏକବଚନ | ବହୁବଚନ |
|---|---|
| ପ୍ରଥମା– ମୁଁ ଯିବି – ଞ୍ଜେଁନ୍ ୟିର୍ତେ | ଆମ୍ଭେମାନେ ଯିବୁ– ଆନ୍ଲେନ୍ ଆୟିର୍ତେ |
| ଦ୍ୱିତୀୟା– ତୁମେ ଯିବ– ଆନିନ୍ ୟିର୍ତେ | ତୁମ୍ଭେମାନେ ଯିବ– ଆମ୍ବିନ୍ ଆୟିର୍ତେ |
| ତୃତୀୟା– ସେ ଯିବେ– ଆନିନ୍ ୟିର୍ତେ | ସେମାନେ ଯିବେ– ଆନିଞ୍ଜି ୟିର୍ତଜି । |

ସଉରା ବ୍ୟବହାରିକ ବ୍ୟାକରଣରେ ଅନେକ ସମୟରେ ଭବିଷ୍ୟତ ଓ ବର୍ତ୍ତମାନ କାଳ ଏକ ରୂପରେ ଉଚ୍ଚାରିତ ହୁଏ । କିନ୍ତୁ କହିବା ଲୋକର ଭାବ ବିନିମୟ ଉପରେ ତାହା ବୁଝାଯାଇଥାଏ ।

ସଉରା ଜନଜାତିର 'ସରା' ଭାଷା ଏବେ କଥିତ ଭାଷାର ସମ୍ମାନରେ ହିଁ ବଞ୍ଚିରହିଛି । ଆଧୁନିକ ସଭ୍ୟ ସମାଜର ପ୍ରଭାବରେ ପ୍ରଭାବିତ ହେଲେ ସୁଦ୍ଧା ନିଜ ଭାଷା ଏମାନେ ଛାଡ଼ିନାହାନ୍ତି । ଲୋକମୁଖରେ ପ୍ରଚଳିତ ଏହି ଭାଷାର ଅନ୍ୱେଷଣ ଆମର କର୍ତ୍ତବ୍ୟ । କାରଣ, ଏହି ଭାଷାଗୁଡ଼ିକରେ ହିଁ ମୌଳିକ ଓଡ଼ିଆଭାଷା ଆତ୍ମଗୋପନ କରି ରହିଛି । ଏହାର ସ୍ୱାତନ୍ତ୍ର୍ୟ ସ୍ୱୀକୃତ କିନ୍ତୁ ଭବିଷ୍ୟତ ଚିନ୍ତା ଆମ ପାଇଁ ଏକ ଆହ୍ୱାନ । ସଂଗ୍ରହ ଓ ଗବେଷଣାର ଅଭାବ ହେତୁ ଗିରି କନ୍ଦରରେ ହଜିଯାଉଥିବା ଏହାର ମନମତାଣିଆ ଗୀତ, ଭାଷା ଓ ସଂସ୍କୃତିକୁ ଖୋଜିବାର ଉଦ୍ୟମ ବାଞ୍ଛନୀୟ । ଏମାନଙ୍କ ଜୀବନଧାରା ଓ ସାମାଜିକ ଚଳଣି ଅନୁଧ୍ୟାନ କଲେ ମାନବର ସାମଗ୍ରିକ ଚେତନା ତଥା ମାନବୀୟ ବିଚାରବୋଧର ରସ ସୃଷ୍ଟି ହୁଏ । ଭାଷା ଦୃଷ୍ଟିରୁ ଏହି ଆଦିବାସୀମାନଙ୍କର ମଧ୍ୟରେ ପାର୍ଥକ୍ୟ ହେଲେ ସୁଦ୍ଧା ଭାବ ମୌଳିକତା ପ୍ରାୟ ସମାନ କହିଲେ ଚଳେ । ସଭ୍ୟ ସାମାଜିକ ମଣିଷମାନଙ୍କ ସହିତ ସଂପର୍କ ସ୍ଥାପନ ଓ ଅରଣ୍ୟ ପ୍ରଦେଶର ନୈସର୍ଗିକ ସୁଷମାର ସୁରକ୍ଷା ପାଇଁ ଏମାନେ ସଦା ଜାଗ୍ରତ ପ୍ରହରୀ । ନୃତ୍ୟ, ଗୀତ ପ୍ରିୟ ଏ ଜାତି ନିଜ ଭାଷା ଓ ସଂସ୍କୃତି ପୂଜକ । ଏମାନଙ୍କ ଭାଷା ସଂସ୍କୃତିକୁ ଜାଣିବାକୁ ହେଲେ ପ୍ରଥମେ ସେମାନଙ୍କର ଭାଷାକୁ ଜାଣିବା ନିତାନ୍ତ ଆବଶ୍ୟକ ।

### ସହାୟକ ଗ୍ରନ୍ଥସୂଚୀ

୧. http//www.gajapati.nic.in

୨. ମହାପାତ୍ର, ଡ. ଖଗେଶ୍ୱର: ମୁଖା ନଥିବା ମଣିଷ, ସହଦେବ ପ୍ରଧାନ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ–୨, ୧୯୯୫, ପୃ. ୧୯

### ସଉରା ଭାଷା ସଂପର୍କରେ ତଥ୍ୟ ପ୍ରଦାନକାରୀ ବ୍ୟକ୍ତି

୩. ଇଶ୍ମାଏଲ୍ ଭୂୟାଁ, ଗ୍ରାମ– ବୁରିପଦର, ବୃତ୍ତି– ଶିକ୍ଷକ, ବୟସ–୩୬, ତା. ୦୫.୦୧.୨୦୧୯

୪. ଡିମି ରଇତ, ଗ୍ରାମ– ବୁରିପଦର, ବୃତ୍ତି–ଚାଷୀ, ବୟସ–୪୪, ତା. ୦୨.୦୨.୨୦୧୯

୫. ସୁମ୍ବା ଶବର, ଗ୍ରାମ–କେଶରୀଗୁଡ଼ା, ବୃତ୍ତି– ପାଷ୍ଟର୍, ବୟସ–୬୩, ତା. ୦୪.୦୬.୨୦୧୯

ଗବେଷକ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଂଜବିହାର
ବ୍ରହ୍ମପୁର–୭୬୦୦୦୭

❖ ❖ ❖